# କ୍ଲଷ୍ଟରସ୍ତରୀୟ ଖୋ ଖୋରେ ଡିଏଭି ଚାମ୍ପିଅନ




ଝାରସୁଗୁଡ଼ା,(ସବ୍ୟୁ): ସିବିଏସଇ କ୍ଲଷ୍ଟରସ୍ତରୀୟ ଖୋ ଖୋରେ ଝାରସୁଗୁଡ଼ା ଡିଏଭି ଚାମ୍ପିୟନ ଟ୍ରଫି ହାସଲ କରି ରାଜ୍ୟ ସ୍ତରରେ ଗୌରବ ଅର୍ଜନ କରିଛି। ଟିଟିଲାଗଡ଼ ସ୍ଥିତ ଓମ୍ ଭ୍ୟାଲି ସ୍କୁଲ ପରିସରରେ ଆୟୋଜିତ ସିବିଏସଇ କ୍ଲଷ୍ଟରସ୍ତରୀୟ ୧୯ ବର୍ଷରୁ କମ ବାଳକ ଖୋ ଖୋ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା, ପଶ୍ଚିମ ବଙ୍ଗ ଓ ଛତିଶଗଡ଼ ରାଜ୍ୟ ଅନ୍ତର୍ଗତ ସର୍ବମୋଟ ୮୮ଟି ସିବିଏସଇ ସ୍କୁଲ ଅଂଶ ଗ୍ରହଣ କରିଥିଲେ । ଫାଇନାଲରେ ଝାରସୁଗୁଡ଼ା ଡିଏଭି ଗତ ବର୍ଷର ରନର୍ସ୍ ଅପ କେଉଁଝରର କେରଳା ଇଂଲିଶ ମିଡିଅମ ସ୍କୁଲକୁ ହରାଇ ଚାମ୍ପିୟନ ଟ୍ରଫି ହାସଲ କରି ରାଜ୍ୟସ୍ତରରେ ଗୌରବ ହାସଲ କରିଛି। ଝାରସୁଗୁଡ଼ା ଡିଏଭି ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖୋ ଖୋ କ୍ଷେତ୍ରରେ ଉଲ୍ଲେଖନୀୟ ଗୌରବ ଆଣିଥିବା କ୍ରୀଡ଼ାବିତମାନଙ୍କୁ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି । ବିଦ୍ୟାଳୟର ପିଇଟି ବିଜୟ ସାଣ୍ଡ ଓ ପୁନମ କ୍ରୀଡ଼ାବିତମାନଙ୍କ ଜାତୀୟସ୍ତରୀୟ ସଫଳତା ଲାଗି ବରାବର ଅଭ୍ୟାସ ଜାରି ରଖିଆସୁଛନ୍ତି । କ୍ରୀଡ଼ା କ୍ଷେତ୍ରରେ ବିଦ୍ୟାଳୟ ଲାଗି ଉଲ୍ଲେଖନୀୟ ଗୌରବ ଆଣିଥିବା କ୍ରୀଡ଼ାବିତମାନଙ୍କୁ ଅଭିଭାବକ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି । ବିଦ୍ୟାଳୟ ପ୍ରାର୍ଥନା ସଭାରେ ଅଧକ୍ଷ ଶ୍ରୀ ପଣ୍ଡାଙ୍କ ଦ୍ୱାରା ରୁଦ୍ରପ୍ରତାପ ବାଗ, ନିରମ ପ୍ରଧାନ, ଆୟୁଷ ମହାନ୍ତି, ପ୍ରିୟାଂଶୁ କୌଶିକ, ଆୟନ ଜେନା, ବିବେକ ଜେନା, ଏନ୍.ଡି. ଶୈଫ୍, ଏନ୍.ଡି. ଅଲି, ଚନ୍ଦ୍ରଧର ମିରିଗ, ମେଘନାଥ ଓରାମ ଖୋ ଖୋ ଟିମ୍ ଖେଳାଳୀମାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ୟୁ.ପି.ଏସ.ସି.ଦ୍ୱାରା ଆୟୋଜିତ ଏନ.ଡି.ଏ. ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟ ଲାଗି ସୁନାମ ଆଣିଥିବା ଦ୍ୱାଦଶ ଶ୍ରେଣୀର ଛାତ୍ର ଆର୍ଯ୍ୟନ୍ ପତ୍ନାରଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଧବଳମୁଖୀ ବେଶରେ ଦର୍ଶନ ଦେଲେ ମାଁ ସମଲେଶ୍ୱରୀ

ସମ୍ବଲପୁର,(ସବ୍ୟୁ): ପଶ୍ଚିମ ଓଡିଶାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ପବିତ୍ର ମହାଳୟା ତିଥି ଅବସରରେ ବୁଧବାର ଭକ୍ତଙ୍କୁ ଧବଳମୁଖୀ ବେଶରେ ଦର୍ଶନ ଦେଇଛନ୍ତି। ଏହି ଦର୍ଶନ କଲେ ଗଙ୍ଗାରେ ବୁଡ ପକାଇବା ଭଳି ପୁଣ୍ୟ ମିଳିଥାଏ ବୋଲି ପୌରାଣିକ କଥା ରହିଛି। ମାଁଙ୍କ ଏହି ଅପୂର୍ବ ରୂପ ଦର୍ଶନ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ଭିଡ ଜମି ଥିଲା ।

ବର୍ଷସାରା ମାଁ ଲାଲ ବର୍ଣ୍ଣ ଧାରଣ କରନ୍ତି । ମାତ୍ର ଏହି ଦିନ ଶ୍ୱେତ ବର୍ଣ୍ଣ ଧାରଣ କରୁଥିବା ଦେଖିବାକୁ ମିଳେ । ଭୋର ସାଢେ ୪ଟାରେ ମଙ୍ଗଳ ଆଳତୀ ପରେ ଦ୍ୱାରଫିଟା ନୀତି ଅନୁଷ୍ଠିତ ହୋଇଥିଲା । ଭକ୍ତମାନେ ହାତରେ ଧୂପ, ଦୀପ ଓ ନୈବେଦ୍ୟ ଧରି ନିଜର ମନସ୍କାମନା ପୂରଣ ଆଶାରେ ମାଁଙ୍କ ଦର୍ଶନ ଲାଗି ଛିଡା ହୋଇଥିଲେ। ତେବେ ପ୍ରାତଃ ୫ଟାରେ ଭକ୍ତଙ୍କ ଦର୍ଶନ ପାଇଁ ମନ୍ଦିର ଦ୍ୱାର ଖୋଲା ଯାଇଥିଲା। ଦର୍ଶନକୁ ଶୃଙ୍ଖଳିତ କରିବା ପାଇଁ ଟ୍ରଷ୍ଟ ବୋର୍ଡ ଓ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଭକ୍ତମାନେ ଧାଡିରେ ଶୃଙ୍ଖଳିତ ଭାବେ ଦର୍ଶନ କରିଥିଲେ। ଏହି ଦର୍ଶନ ଆସନ୍ତା ୪ତାରିଖ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲୁ ରହିବ।

ଧବଳମୁଖୀ ବେଶ ପୂର୍ବରୁ ମଙ୍ଗଳବାର ରାତି ୧୨ଟାରେ ପୂଜକ ମାନେ ମନ୍ଦିର ଗମ୍ଭୀରା ସଫା କରିଥିଲେ। ଶଙ୍ଖ ଓ ଗୋପୀଚନ୍ଦନ ଘୋରି ଦେବୀଙ୍କୁ ଧବଳମୁଖୀ ବେଶ କରିଥିଲେ। ରାତି ପ୍ରାୟ ସାଢେ ୩ଟାରେ ଏହି



ବେଶ ଶେଷ ହୋଇଥିଲା। ପରେ ପୂଜକ ମାନେ ମହାନଦୀ ସମଲେଇ ଘାଟରେ ସ୍ନାନ କରିଥିଲେ। ପିତଳ ଗରିଆରେ ପାଣି ଆଣି ଦେବୀଙ୍କୁ ସ୍ନାନ କରିଥିଲେ। ଦେବୀଙ୍କୁ ସମ୍ବଲପୁରୀ ଶ୍ୱେତ ପାଟ ବସ୍ତ୍ର ପରିଧାନ କରାଯାଇଥିଲା। ମୁଗ ଓ ଗୁଡରେ ପ୍ରସ୍ତୁତ ମୁଗବରା ଦେବୀଙ୍କୁ ଅର୍ପଣ କରାଯାଇଥିଲା। ଏହାପରେ ଦ୍ୱାରଫିଟା ନୀତି ସମ୍ପନ୍ନ ହୋଇଥିଲା। ଭକ୍ତ ମାନେ ଧାଡିବାନ୍ଧି ଦର୍ଶନ କରୁଥିବା ବେଳେ ମଧ୍ୟାହ୍ନ ୧୧ଟା୪୫ରୁ ଅପରାହ୍ନ ସାଢେ ୧୨ଟା ଅନ୍ନଭୋଗ ପାଇଁ ଦର୍ଶନ ବନ୍ଦ ରହିଥିଲା । ସେହିପରି ସଂନ୍ଧ୍ୟା ୭ଟା୪୫ରୁ ସାଢେ ୮ଟା ପର୍ଯ୍ୟନ୍ତ ମାଁଙ୍କ ସନ୍ଧ୍ୟା ଆଳତୀ ପାଇଁ ଦର୍ଶନ ବନ୍ଦ ରହିଥିଲା । ଭକ୍ତମାନେ ରାତି ସାଢେ ୧୦ଟା ପର୍ଯ୍ୟନ୍ତ ଦେବୀଙ୍କ ଦର୍ଶନ କରିଥିଲେ। ଏଥିରେ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ, ପୂଜକ ଅକ୍ଷୟ ରାୟ, ଜକ୍ଷ ରାୟ, ନିର୍ଭୟ ରାୟ, ଇଲୁ ରାୟ, ଦେବେନ୍ଦ୍ର ରାୟ, ଶୁଶୀଲ ରାୟ , କୁମାର ରାୟ, ବିଭୁତି ରାୟ , ସଗନ ରାୟ, ପ୍ରକାଶ ରାୟ , କାହ୍ନା ରାୟ , ସୁଧାଂଶୁ ରାୟ, ହିମାଂଶୁ ରାୟ , ଓକିଲ ରାୟ ପ୍ରମୁଖ ଦେବୀଙ୍କୁ ବେଶ କରିଥିଲେ। ସେହିପରି ପାଟଣେଶ୍ୱରୀ ଓ ବାଟମଙ୍ଗଳାଙ୍କୁ ମଧ ଧବଳମୁଖୀ ବେଶ କରାଯାଇଛି। ଅନ୍ୟପଟେ ସହରର ଅନ୍ୟ ଦେବୀ ପୀଠ ଗୁଡ଼ିକରେ ମଧ ନବରାତ୍ର ପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି। ତେଣୁ ସମ୍ବଲପୁର ସହର ଉତ୍ସବ ମୁଖର ହୋଇଉଠିଛି। ରଙ୍ଗବେରଙ୍ଗ ଆଲୋକମାଳା ସହ ଫୁଲ ଓ ତୋଣରେ ମନ୍ଦିରକୁ ନୂତନ ରଙ୍ଗରେ ରଙ୍ଗିନ କରାଯାଇଛି । ପଞ୍ଚବାଦ୍ୟ, ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳିରେ ସମଗ୍ର ଦେବୀପୀଠ ଉଛୁଳି ପଡୁଛି।

# ସୁବର୍ଣ୍ଣପୁରରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଅନ୍ୟା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସର୍ବଧର୍ମ ପ୍ରାର୍ଥନା ତଥା ସ୍ମୃତି ସଭାରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଞ୍ଜଳିନା ପଧାନ, ଉପଜିଲ୍ଲାପାଳ ସୋନପୁର ସୌମ୍ୟାରୁପା ରଥ ଯୋଗଦେଇଥିବା ବେଳେ ବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଗୋରେଖନାଥ ସାହୁ ଯୋଗଦେଇ ଗାନ୍ଧୀଜୀ ଏବଂ ଶାସ୍ତ୍ରୀଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ ପ୍ରବନ୍ଧ ଓ କୁଇଜ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସଭାରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଏବଂ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଗାନ୍ଧୀ ପ୍ରେମୀ ଜନସାଧାରଣ , ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାପାଳ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରମୁଖ ଗାନ୍ଧୀ ମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ପରେ ବରିଷ୍ଠ ଅଧିକାରୀ ଓ ପୌରପରିଷଦର ଅଧିକାରୀ ଓ କର୍ମକର୍ତ୍ତା ମିଳିତ ଭାବେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# ଖପ୍ରାଖୋଲ : ଧାନ ଫସଲ ନଷ୍ଟ କରୁଛନ୍ତି ଜଙ୍ଗଲି ବାରହା

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ ସଦର ମହକୁମା ଗାଁ ରେ ଧାନ ଫସଲକୁ ଜଙ୍ଗଲି ବାରାହା ବ୍ୟାପକ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଚାନ୍ଦିଲି ସଂରକ୍ଷିତ ଜଙ୍ଗଲ ପାଖରେ ଥିବା ଚାଷ ଜମିରେ ଚାଷୀ ମାନେ ଧାନ, ମୁଗ, ବିରି, କ୍ଷୁଦ୍ର ଶସ୍ୟ, କପା ଆଦି ଫସଲ ଚାଷ କହିଥିବା ବେଳେ ଜଙ୍ଗଲି ବାରାହା ଅମଳ ହେବାରୁ ଥିବା ଧାନ ଫସଲ ନଷ୍ଟ କରୁଛନ୍ତି। ଫଳରେ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଧାରା କରଜ କରି ମୁଣ୍ଡ ଝାଳ ତୁଣ୍ଡ ରେ ମାରି ଚାଷୀ ଫସଲ କରି ଲାଭ ଆଶା କରିଥିବା ବେଳେ ଜଙ୍ଗଲି ବାରାହା ନଷ୍ଟ ଯୋଗୁଁ ଏବେ ଚାଷୀଙ୍କୁ ଚିନ୍ତା ଘାରିଛି। ଏନେଇ ଚାଷୀ ଛୟାକାନ୍ତ ବାରିକ ଅଭିଯୋଗ କରିଛନ୍ତି। ଏନେଇ ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନାଙ୍କୁ ପଚାରିବାରୁ ଚାଷୀ ବାରାହା ଘଉଡାଇବାକୁ ପାରମ୍ପାରିକ ପାଳ ଭୂତ ଲଗାଇ ଘଉଡାଇ ପାରିବେ ସେଥିରେ ବି ଯଦି ବାରାହା ମାନୁ ନାହାନ୍ତି ଓ ଫସଲ ନଷ୍ଟ କରୁଛନ୍ତି ଚାଷୀ ଫଟୋ ସହ ଅନୁକମ୍ପା ଆପ୍ ରେ ଆବେଦନ କରି କ୍ଷତି ପୁରଣ ପାଇପାରିବେ ବୋଲି ପ୍ରକାଶ କରିଛନ୍ତି।

# ବ୍ଲକସ୍ତରୀୟ ସଞ୍ଚାର ମହୋତ୍ସବ ଉଦ୍‌ଯାପିତ

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ ଦାମେଇପାଲି ପଞ୍ଚାୟତ ବଡ ଉଡେନ ଗାଁରେ ଓମ୍ ବୈଦିକ ବୈଦିକ ସାଂସ୍କୃତିକ ପରିଷଦ ପକ୍ଷରୁ ଦ୍ୱିତୀୟ ସଂଚାର ମହୋତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବୈଦିକ ପରିଷଦର ସଭାପତି ବେଦବର ସାହୁ ଓ ସମ୍ପାଦକ ଥବିର ସାହୁ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଜିଲ୍ଲା କଳା ସଂସ୍କୃତି ସଂଘ ସଭାପତି ସୁଦାମ ବିଶି ଯୋଗଦେଇ ଏହାର ଉଦ୍ଦେଶ୍ୟ ଉପାରେ ଆଲୋକପାତ କହିବା ସହ କୃତି ସଂଚାର ଦଳକୁ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅକ୍ଷୟ ସାହୁ, ହରପ୍ରସାଦ ମାଝୀ, ପ୍ରଦୀପ ବାରିକ ଉପସ୍ଥିତ ଥିଲେ । ସଂଚାର କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଗାଁ ର ସଂଚାର କଳାକାର ନିଜ ନିଜ କଳା ପ୍ରଦର୍ଶିତ କରିଥିଲେ।

# ପରିତ୍ୟକ୍ତ କୂଅରୁ ବାରହା ଉଦ୍ଧାର

ହରଭଙ୍ଗା,(ସବ୍ୟୁ): ପରିତ୍ୟକ୍ତ କୂଅରେ ପଡିଗଲା ଜଙ୍ଗଲୀ ବାରହା । ଗ୍ରାମବାସୀ ବନ ବିଭାଗକୁ ଖବର ଦେବା ପରେ ଉଦ୍ଧାର କଲା ପୁରୁଣାକଟକ ବନ ବିଭାଗ । ସୂଚନା ଅନୁଯାଇ ଗତକାଲି ରାତ୍ରି ରେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇ ହରଭଙ୍ଗା ବ୍ଲକ ଧଳପୁର ହାଇସ୍କୁଲ ପଛ ପାଖରେ ଥିବା ପରିତ୍ୟକ୍ତ କୂଅରେ ପଡିଥିଲା ଜଙ୍ଗଲୀ ବାରହା । ସକାଳୁ ଗ୍ରାମବାସୀ ଦେଖି ବନ ବିଭାଗକୁ ଖବର ଦେଇଥିଲେ । ପୁରୁଣାକଟକ ରେଞ୍ଜ ଅଧିକାରୀଙ୍କ ନିର୍ଦ୍ଦେଶରେ ବନ ପାଳ ଗୋବର୍ଦ୍ଧନ ମେହେରଙ୍କ ତତ୍ତ୍ୱାବଧାନରେ ଚାରି ଜଣିଆ ସ୍କ୍ୱାଡ ଟିମ ଘଟଣା ସ୍ଥଳରେ ପହଂଚି ପ୍ରାୟ ଦୁଇଘଣ୍ଟା ପରିଶ୍ରମ କରି କୂଅ ଭିତରୁ ବାରହାକୁ ଉଦ୍ଧାର କରିଥିବା କହିଛନ୍ତି । ବାରହା ଟି ପ୍ରାୟ ଏକ ବର୍ଷର ହୋଇଥିବା ବନପାଳ ଶ୍ରୀ ମେହେର ସୂଚନା ଦେଇଛନ୍ତି ।

# ପୁଲିସକୁ ଧକ୍କା ମାରି ଗଞ୍ଜେଇ ବେପାରୀ ଫେରାର

ଦେବଗଡ଼,(ସବ୍ୟୁ): ଗଞ୍ଜେଇ ବେପାରୀକୁ ଧରିବା ପରେ ବାନ୍ଧି ଥାନାକୁ ଆଣୁଥିଲା ପୁଲିସ୍। ମାତ୍ର ଥାନାରୁ ଦୁଇ ପୁଲିସ୍‌ଙ୍କୁ ଧକ୍କା ମାରି ଫେରାର ମାରିଛି ଗଞ୍ଜେଇ ବେପାରୀ । ଏପରି ଏକ ଘଟଣା ଦେବଗଡ ଜିଲ୍ଲା ବାରକୋଟ ଥାନାରେ ଘଟିଛି। ଅଭିଯୁକ୍ତ କନ୍ଧମାଳ ଜିଲ୍ଲା ଖଜୁରୀପଡା ଥାନା ବରିଗୁମ୍ପା ଗ୍ରାମର ସନତ ଦିଗଲ ବୋଲି ଜଣାପଡିଛି । ରବିବାର ଜୟପିଛୁଳା ଛକ ନିକଟରେ ଗଞ୍ଜେଇ ଭର୍ତ୍ତି ଏକ କାର୍ ଏକ ଅଟୋକୁ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ଗଞ୍ଜେଇ ଭର୍ତ୍ତି କାର୍ ଛାଡି ଘଟଣାସ୍ଥଳରୁ ଫେରାର ମାରିଥିଲା ଅଭିଯୁକ୍ତ । କାର ଭିତରୁ ୧ କ୍ୱିଣ୍ଟାଲ ୨୦ କେଜି ଗଞ୍ଜେଇ ଜବତ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା । ଗଞ୍ଜେଇ ଚାଲାଣ କରୁଥିବା ଘଟଣାରେ ଖଜୁରୀପଡା ଥାନା ଅଞ୍ଚଳରୁ ସନତ ଦିଗଲଙ୍କୁ ଗିରଫ କରିଥିଲା ବାରକୋଟ ଥାନା ପୁଲିସ୍ । ସେଠାରୁ ପୁଲିସ୍ ତାଙ୍କୁ ଥାନାକୁ ଆଣିଥିବା ବେଳେ ସେ ସବଇନ୍ସପେକ୍ଟର ଆମୁନସେନ କିରୋ ଓ ଏଏସଆଇ ସନ୍ତୋଷ କୁମାର ନାୟକଙ୍କୁ ଧକ୍କା ମାରି ଫେରାର ହୋଇଯାଇଛି।

# ସଟ ସର୍କିଟରେ ଜଳିଗଲା ବାଇକ୍

କୋକସରା,(ସବ୍ୟୁ): କୋକସରା ଥାନା ଅନ୍ତର୍ଗତ ମୋଟେର ଚାରବାହାଲ ଜାତୀୟ ରାଜପଥ ୨୬ ନିକଟରେ ଥିବା ବଜାଜ ଶୋ ରୁମକୁ ବାଇକ ସର୍ଭିସିଂ କରିବାକୁ ଶୋ ରୁମକୁ ନେଇ ଆସିଥିଲେ। ହେଲେ କୌଣସି କାରଣ ବଶତଃ ସଟ ସର୍କିଟ ହୋଇ ବାଇକ ହୁତୁହୁତୁ ହୋଇ ଜଳିଗଲା। ନିଆଁ ଲିଭାଇବାକୁ ଶୋ ରୁମର କର୍ମଚାରୀ ମାନେ ଚେଷ୍ଟା କରିଥଲେ ମଧ୍ୟ ନିଆଁକୁ ଆୟତ୍ତ କରି ପାରି ନଥିଲେ। ଘଟଣା ସମ୍ପର୍କରେ କୋକସରା ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଖବର ଦେବାପରେ ଅଗ୍ନିଶମ ଓଆଇସି ପ୍ରଶାନ୍ତ କୁମାର ବାଘଙ୍କ ନେତୃତ୍ୱରେ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ସୂଚନା ମିଳିଛି। ତେବେ ବାଇକଟି ଘନଶ୍ୟାମ ମାଝୀଙ୍କ ବୋଲି ଜଣାପଡିଛି।

# ସିନାପାଲି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ସିନାପାଲି,(ସବ୍ୟୁ): ସିନାପାଲି କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସିଆରସିସି ପ୍ରସନ୍ନ କୁମାର ମାଝୀଙ୍କ ତତ୍ତ୍ୱାବଧାନରେ ମେହେର ପଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ସିଆରସିସି ଶ୍ରୀମାଝୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବିଇଓ ଯତୀନ୍ଦ୍ର କୁମାର ସେଠ, ମୁଖ୍ୟବକ୍ତା ଏବିଇଓ ପ୍ରଦୀପ କୁମାର ପଣ୍ଡା ଓ ସମ୍ମାନିତ ଅତିଥି ଭାବରେ ପ୍ରଧାନ ଶିକ୍ଷୟିତ୍ରୀ ଅସ୍ମିତା ପାଢ଼ୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗସ୍ତରୀୟ ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା, ତର୍କ, କୁଇଜ, ନୃତ୍ୟ ସଙ୍ଗୀତ ଓ ମିଲେଟ ମିଶନ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ । ଅପରାହ୍ଣରେ ଅନୁଷ୍ଠିତ ଉଦଯାପନୀ ସଭାରେ ସମ୍ମାନିତ ସମ୍ମାନିତ ଅତିଥି ଭାବରେ ବିଜୟ କୁମାର ସାହୁ, ହଦାନନ୍ଦ ମେହେର, କିଶୋର କୁମାର ମେହେର, ଅସ୍ମିତା ପାଢ଼ୀ ଓ ମୁଖ୍ୟବକ୍ତା ଭାବରେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ତୁଳସୀରାମ ମେହେର ଉପସ୍ଥିତ ଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ଥିଲା । ସଭାକାର୍ଯ୍ୟକୁ ଶିକ୍ଷକ ଲୋଚନ ମେହେର ପରିଚାଳନା କରିଥିବା ବେଳେ ଲୋକନାଥ ମେହେର ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ସଫଳତାରେ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ଘରୋଇ କଲେଜରେ ଛାତ୍ରଙ୍କୁ ରାଗିଙ୍ଗ

ଭବାନୀପାଟଣା,(ସବ୍ୟୁ): ଭବାନୀପାଟଣା ସ୍ଥିତ ଏକ ଘରୋଇ କଲେଜରେ ଛାତ୍ରଙ୍କୁ ରାଗିଙ୍ଗ ଅଭିଯୋଗ ହୋଇଛି। ରାଗିଙ୍ଗ କରିବା ପରେ ଛାତ୍ରଙ୍କୁ ମାଡ଼ ମାରି ଦୁଇ ମହଲା ଉପରୁ ତଳକୁ ଠେଲି ଦେଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଛାତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଭବାନୀପାଟଣା ସହର ଜଳେଶ୍ୱର ମନ୍ଦିର ରାସ୍ତାରେ ଥିବା ଘରୋଇ କଲେଜ୍ ହଷ୍ଟେଲରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରମାନେ ଅନ୍ୟଜଣେ ଛାତ୍ରଙ୍କୁ ପ୍ରଥମେ ରୁମ୍ ଭିତରେ ମାଡ଼ ମାରିବା ସହ ଭିଡିଓ ତିଆରି କରି ପରେ ଦୁଇ ମହଲା ଛାତ ଉପରୁ ଠେଲି ଦେଇଥିଲେ। ପରେ କଲେଜ୍ କର୍ତ୍ତୃପକ୍ଷ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହଷ୍ଟେଲ ଭିତରକୁ ମଦ ଆଣି ଛାତ୍ରମାନେ ନିଶାସକ୍ତ ହେଉଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ରାଗିଂର ଶିକାର ହୋଇଥିବା ଛାତ୍ର। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ମାହେଶ୍ୱରୀ ସଂଗଠନ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ଓ ସାଂସଦଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗିର,(ସବ୍ୟୁ): ମାହେଶ୍ୱରୀ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସ୍ୱାଗତ ସମାରୋହ ଆୟୋଜିତ ହୋଇଥିଲା । ଉପ–ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ବଲାଙ୍ଗିର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମେ ଉଭୟ ବୃକ୍ଷ ରୋପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ପରେ ପାଟଣାଗଡର ଅଧିଷ୍ଠାତ୍ରୀ ଦେବୀ ମାଁ ଦଶମତିଙ୍କ ଫଟୋ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମଗ୍ର ପଶ୍ଚିମ ଓଡିଶା ବିକାଶ ହେଲେ ଯାଇ ବଲାଙ୍ଗିର ଜିଲ୍ଲାର ସର୍ବାଙ୍ଗିନ ଉନ୍ନତି ସମ୍ଭବ ବୋଲି ସାଂସଦ ଶ୍ରୀମତୀ ସିଂଦେଓ ମତ ରଖିଥିଲେ । ବିଶେଷ କରି ବଲାଙ୍ଗିର ଜିଲ୍ଲା ପାଇଁ ଆଗାମୀ ଦିନରେ ଓଡିଶା ସରକାର ଙ୍କ ରହିଥିବା କେତେ ଗୁଡିଏ ବିକାଶମୂଳକ ଯୋଜନା ବିଷୟରେ ଉପମୁଖ୍ୟମନ୍ତ୍ରୀ ଜଣାଇଥିଲେ । ସଂଗଠନର ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସଭାର ପରିଚାଳନା ସଂଗଠନର ଉପଦେଷ୍ଟା ଡ. ଲଳିତ ସାହୁ କରିଥିଲେ । ସଭାରେ ବଲାଙ୍ଗିର ଏବଂ ସୋନପୁର ଜିଲ୍ଲାର ବିଭିନ୍ନ ବ୍ଲକ ତରଭା, ଆଗଲପୁର, ଲୋଇସିଂହା, ପୁଇଁନ୍ତଲା, ଟିଟିଲାଗଡ, ପାଟଣାଗଡ, ଖପ୍ରାଖୋଲ, ବଲାଙ୍ଗିର ସଦରରୁ ଆସିଥିବା ସଦସ୍ୟମାନେ ସମ୍ବର୍ଦ୍ଧନା ଜଣେଇଥିଲେ । ସଭାପତି ଶୋଭନ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ । ସଂଗଠନର ଉପଦେଷ୍ଟା ଦିନେଶ ଶର୍ମା ଏବଂ ବ୍ୟାସଦେବ ନନ୍ଦ ଉପସ୍ଥିତ ଥିଲେ ।

# ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ତପସ୍ୱିନୀ ଜିଲ୍ଲା ପ୍ରେକ୍ଷାଳୟ ଠାରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧ୍ୟକ୍ଷତା କରିଥିଲେ । ସମାଜ ଗଠନ ମୂଳକ କାର୍ଯ୍ୟରେ ବରିଷ୍ଠ ନାଗରିକ ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ଜିଲ୍ଲା ରେଡକ୍ରସ ସମ୍ପାଦକ ଜୟ ଜର୍ଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମାଜରେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ବରିଷ୍ଠ ନାଗରିକ ପ୍ରଫୁଲ୍ଲ ହୋତା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଅଧିନିୟମ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଛତା ଓ ଅସ୍ଥିପୀଡା ଜନିତ ତୈଳ ବଣ୍ଟନ କରାଯାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର ମହାନନ୍ଦ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ପ୍ରଦୀପ ପଣ୍ଡା, ରଞ୍ଜିତ ରାଉତ, ସୁରେନ୍ଦ୍ର ନାଥ ଚୌବେ , ଶରତ କୁମାର ସାହୁ ପ୍ରମୁଖ ଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ଆଞ୍ଚଳିକ ଭିନ୍ନକ୍ଷମ ଅଧିକାରୀ ରବିନ୍ଦ୍ରନାଥ ଶତପଥି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଖପ୍ରାଖୋଲ ପଞ୍ଚାୟତ ସମିତି ବୈଠକ

# ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଉପରେ ଗୁରୁତ୍ୱ




ଖପ୍ରାଖୋଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ସଭାଗୃହରେ ମଙ୍ଗଳବାର ସପ୍ତମ ପଞ୍ଚାୟତ ସମିତିର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବ୍ଲକ୍ ଅଧକ୍ଷା ନିରୁପମା ପଟେଲ ଅଧକ୍ଷତା କରିଥିବା ବେଳେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଲୋକସଭା ସାଂସଦଙ୍କ ବ୍ଲକ୍ ପ୍ରତିନିଧି ସନ୍ତୋଷ କୁମାର ଭଇଁଶାଲ, ଉପମୁଖ୍ୟ ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ବ୍ଲକ୍ ଉପାଧକ୍ଷ ସୁଖିରାମ ସାଣ୍ଡ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଉପରେ ଗୁରୁତ୍ୱ ଆରୋପ କରିଥିବା ବେଳେ, କୃଷି, ଜଳସେଚନ, ଶିଶୁ ଓ ମହିଳା ବିକାଶ, ଉଦ୍ୟାନ କୃଷି, ପଶୁପାଳନ, ବିଦ୍ୟୁତ୍ ସମସ୍ୟା ସହିତ ବିଭିନ୍ନ ଉନ୍ନୟନ ମୂଳକ କାମ ଉପରେ ଆଲୋଚନା ହୋଇଥିଲା। ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ବ ବୈଠକର ବିବରଣୀ ପଠନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟା ସଞ୍ଜୁକ୍ତା ମେହେର, ପ୍ରମିଳା ପାତର ସମେତ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ ସଭ୍ୟା , ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଜିପିଡ଼ିଓ ପରମେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାକାଶ ବିଜ୍ଞାନକୁ ଲୋକଙ୍କ ପାଖରେ ପହଞ୍ଚାଇବ ଇସ୍ରୋ

ବରଗଡ,(ସବ୍ୟୁ) : ମହାକାଶ ବିଜ୍ଞାନକୁ ଜନ ସାଧାରଣଙ୍କ ନିକଟକୁ ପହଞ୍ଚାଇବା ନେଇ ଭାରତୀୟ ମହାକାଶ ଅନୁସନ୍ଧାନ କେନ୍ଦ୍ର ବା ଇସ୍ରୋର ଶ୍ରୀହରି କୋଟା ଅକ୍ଟୋବର ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ବରଗଡରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ ସହଯୋଗରେ ପାଳନ କରିବ। ଏନେଇ ବିକାଶ ଫାଷ୍ଟ ଷ୍ଟେପରେ ଇସ୍ରୋ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବରିଷ୍ଠ ବୈଜ୍ଞାନିକ ପି ଶ୍ରୀନିବାସ । ସେ କହିଥିଲେ ଯେ ବିଶ୍ୱ ମହାକାଶ ସପ୍ତାହ ହେଉଛି ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ଏକ ଆନ୍ତର୍ଜାତୀୟ ଉତ୍ସବ ଏବଂ ମାନବ ସ୍ଥିତିର ଉନ୍ନତି ପାଇଁ ସେମାନଙ୍କର ଅବଦାନ । ମିଳିତ ଜାତିସଂଘର ସାଧାରଣ ସଭା ୧୯୯୯ ରେ ଘୋଷଣା କରିଥିଲା ଯେ ପ୍ରତିବର୍ଷ ଅକ୍ଟୋବର ୪ ରୁ ୧୦ ତାରିଖ ପର୍ଯ୍ୟନ୍ତ ବିଶ୍ୱ ମହାକାଶ ସପ୍ତାହ ଅନୁଷ୍ଠିତ ହେବ । ୨୦୨୪ ମସିହାରେ ବିଶ୍ୱ ମହାକାଶ ସପ୍ତାହ ପାଇଁ ଥିମ୍ ହେଉଛି ' ମହାକାଶ ଏବଂ ଜଳବାୟୁ ପରିବର୍ତ୍ତନ' । ଜଳବାୟୁ ପରିବର୍ତ୍ତନ ଇକୋସିଷ୍ଟମ ଏବଂ ଭବିଷ୍ୟତର ସମୃଦ୍ଧତା, ସୁରକ୍ଷା ଏବଂ ସମସ୍ତ ମାନବ ଜାତିର ଉନ୍ନତି ଉପରେ ବିପଦ ସୃଷ୍ଟି କରିବ ବୋଲି ଧମକ ଦେଇଛି। ବିଶ୍ୱ ସପ୍ତାହ ଉତ୍ସବ ୪ ଅକ୍ଟୋବର, ୨୦୨୪ ରେ ଶ୍ରୀହରିକୋଟା ଠାରେ ଉଦ୍ଘାଟନ ସହିତ ଆରମ୍ଭ ହେବ । ସେହି କ୍ରମରେ ଏହା ବରଗଡ ସହର ର ଲକ୍ଷ୍ମୀ ବକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ ରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ଶ୍ରୀନିବାସ ସୂଚନା ଦେଇଥିଲେ ।

# ବ୍ଲକ୍‌ସ୍ତରୀୟ ଖେଳକୁଦ ପ୍ରତିଯୋଗିତା



ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ସ୍ଥିତ ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ ଶିକ୍ଷା ବିଭାଗ ଦ୍ୱାରା ଅନୁଷ୍ଠିତ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତାକୁ ବିଇଓ ସଚିନ କୁମାର ମଲ୍ଲିକ ଯୋଗଦେଇ ଉଦଘାଟନ କରିଥିଲେ। ବ୍ଲକର ୨୬ ଗୋଟି ଉଚ୍ଚ ବିଦ୍ୟାଳୟର ମୋଟ ୨୧୨ ଜଣ ଛାତ୍ରଛାତ୍ରୀ ଖେଳକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୋଟ ଛାତ୍ର ୧୬୭ ରହିଥିବା ବେଳେ ୪୫ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଖେଳକୁଦ ପ୍ରତିଯୋଗିତାରେ ଦୌଡ଼, ଜମ୍ପ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଉଚ୍ଚ ବିଦ୍ୟାଳୟ ର ୧୭ ବର୍ଷରୁ ଛାତ୍ରଛାତ୍ରୀ ଓ ୧୪ ବର୍ଷରୁ କମ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟ ର ଖେଳ ଶିକ୍ଷକ ବିନୋଦ ତ୍ରିପାଠୀ,ରାଜକିଶୋର ମହନ୍ତ, ଶ୍ୱେତବସନ୍ତ ଗୌଡ଼,ହରେକୃଷ୍ଣ ଦିଶାରୀ, ଗଣେଶ୍ୱର ତ୍ରିପାଠୀ,ବିନାୟକ ତ୍ରିପାଠୀ, ଦୀପ୍ତିମୟୀ ରାଉତ, ମଧୁମିତା ନାୟକ ଓ ଅନ୍ୟ ଖେଳ ଶିକ୍ଷକ ମାନେ ଖେଳକୁଦ ପ୍ରତିଯୋଗିତା ପରିଚାଳନା କରିଥିଲେ। ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଭାଗ ନେବେ ବୋଲି ବିଇଓ ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।

# ଗାଁରେ ପଶିଲା ଜଳଭଣ୍ଡାରର ପଛୁଆ ପାଣି

ମାଲକାନଗିରି,(ସବ୍ୟୁ): ବାଲିମେଳା ଜଳ ଭଣ୍ଡାରରେ ଜଳ ଫୁଲିବାରେ ଲାଗିଥିବା ବେଳେ ସ୍ୱାଭିମାନ ଅଞ୍ଚଳର ତଳିଆ ଅଞ୍ଚଳରେ ରହିଥିବା ଗାଁଗୁଡିକର ଘରେ ପାଣି ପଶିଛି। ରାସ୍ତାରେ ମଧ ଆଣ୍ଠୁଏ ଆଣ୍ଠୁଏ ପାଣି ରହିଛି । ତଳିଆ ଅଂଚଳରେ ରହିଥିବା ଗାଁ ଗୁଡିକରେ ପାଣି ପଶିବାରେ ଲାଗିଛି। ତେଣୁ ଲୋକଙ୍କର ଚିନ୍ତା ବଢ଼ିଛି । ଏପରିକି ଗାଁରେ ଜଳଭଣ୍ଡାରର ପଛୁଆ ପାଣି ପଶିଛି । ତଳିଆ ଅଂଚଳରେ ରହିଥିବା ଗାଁଗୁଡିକ ମଧ୍ୟରୁ ମୁଦୁଲିଗୁଡା, ନାରଙ୍ଗିଝୋଲା, ବାକୁଲି, ଖୋଜୁରୀଗୁଡ଼ା ଭଳି ଗାଁରେ ପାଣି ପଶିବାରେ ଲାଗିଛି। ଗତ ୩ରୁ ୪ ଦିନ ହେବ ଘର ଭିତରେ ପାଣି ଜମି ରହିଥିବା ବେଳେ ଜଳସ୍ତର ମଧ ସାମାନ୍ୟ ବୃଦ୍ଧି ପାଇବାରେ ଲାଗିଛି।

ଚଳିତ ବର୍ଷ ଲଗାଣ ବର୍ଷାରେ ବାଲିମେଳା ଜଳ ଭଣ୍ଡାର ଜଳସ୍ତର ବୃଦ୍ଧି ପାଇଥିବା ବେଳେ ଜଳ ଭଣ୍ଡାରର ସର୍ବୋଚ୍ଚ କ୍ଷମତା ୧୫୧୬ ଫୁଟ ଥିବା ବେଳେ ବର୍ତ୍ତମାନ ୧୫୧୪ ଫୁଟ ପାଣି ଜଳ ଭଣ୍ଡାରରେ ପାଣି ରହିଛି। କଚ୍ଚା ଘରଗୁଡ଼ିକ ପାଣିରେ ବୁଡ଼ି ରହିଥିବାରୁ ଚିନ୍ତାରେ ତଳିଆ ଅଂଚଳର ଲୋକେ। ଚଳିତ ବର୍ଷ ଲଗାଣ ବର୍ଷାରେ ବାଲିମେଳା ଜଳ ଭଣ୍ଡାର ଜଳସ୍ତର ବୃଦ୍ଧି ପାଇଥିବା ବେଳେ ଜଳ ଭଣ୍ଡାରର ସର୍ବୋଚ୍ଚ କ୍ଷମତା ୧୫୧୬ ଫୁଟ ଥିବା ବେଳେ ବର୍ତ୍ତମାନ ୧୫୧୪ ଫୁଟ ପାଣି ଜଳ ଭଣ୍ଡାରରେ ପାଣି ରହିଛି। ଯଦି ଆଉ ୨ ଫୁଟ ପାଣି ବଢ଼େ ତେବେ ତଳିଆ ଅଂଚଳରେ ବୁଡି ରହିଥିବା ଘର ଗୁଡ଼ିକରୁ କେବେ ପାଣି ଖାଲି ହେବ ତାକୁ ନେଇ ଚିନ୍ତା ବଢ଼ିଛି ।

ପ୍ରଶାସନିକ ଅଧିକାରୀ ଗାଁରେ ପହଂଚି ସ୍ଥିତି ଅନୁଧ୍ୟାନ କରିବା ସହ ତଳିଆ ଅଂଚଳର ଲୋକମାନଙ୍କୁ ଘର ଛାଡ଼ି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏହି ଅଂଚଳ ଚିତ୍ରକୋଣ୍ଡା ତହସିଲ ଅଧିନରେ ରହିଛି। କିନ୍ତୁ ଗାଁଗୁଡିକ କୋରକୋଣ୍ଡା ବ୍ଲକର ନାକାମାମୁଡି ପଞ୍ଚାୟତରେ ରହିଛି। ନାକାମାମୁଡି ପଞ୍ଚାୟତର ପିଇଓ ଆର କେ ଗୌର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ଘରୁ ପଦାକୁ ବାହାରିବାକୁ କହିବା ସହ ଏନେଇ ରାଜସ୍ୱ ନୀରିକ୍ଷକଙ୍କୁ ଅବଗତ କରାଇଥିବା କହିଥିଲେ।

ତେବେ ତୁରନ୍ତ ପ୍ରଶାସନିକ ଅଧିକାରୀ ପାଣି ଘେରରେ ରହିଥିବା ପରିବାରଙ୍କୁ ଉଦ୍ଧାର କରି ସେମାନଙ୍କର ଥାଇଥାନର ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଅନ୍ୟଦିଗରେ ଖବର ପାଇ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଦେଶୀ ଡଙ୍ଗାରେ ଜଳଭଣ୍ଡାରରେ ପଶି ପାଣିରେ ବୁଡ଼ିଥିବା ରାସ୍ତା ଓ ଘର ଗୁଡ଼ିକର ତଦାରଖ କରିଥିଲେ। ଏନେଇ ସେ ତୁରନ୍ତ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ କ୍ଷତିପୂରଣ ଦେବା ପାଇଁ କହିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ବିଜେଡି ପକ୍ଷରୁ ଚନ୍ଦନଭାଟିରେ ଜନସମ୍ପର୍କ ପଦଯାତ୍ରା



ବଲାଙ୍ଗିର ,(ସବ୍ୟୁ): ପବିତ୍ର ଗାନ୍ଧୀ ଜୟନ୍ତୀରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିଛି ବିଜୁ ଜନତା ଦଳ । ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟି ଗ୍ରାମରେ ପଦଯାତ୍ରା କରାଯାଇଥିଲା । ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଏହି ଯାତ୍ରାରେ ସାମିଲ ହୋଇଥିଲେ । ଲୋକଙ୍କ ପାଖକୁ ଯାଇ ସେମାନଙ୍କ ଭଲ ମନ୍ଦ ବୁଝିଥିଲେ । ସରକାରୀ ଯୋଜନା ଲୋକଙ୍କ ପାଖରେ କେତେ ମାତ୍ରାରେ ପହଞ୍ଚୁଛି ସେ ସମ୍ପର୍କରେ ଆଲୋଚନା କରିଥିଲେ । ସୁଭଦ୍ରା ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ୩୦୦ ୟୁନିଟ ବିଜୁଳି ଫ୍ରି ଉପରେ ଆଲୋଚନା କରିଥିଲେ । ନିର୍ବାଚନ ପୂର୍ବରୁ ବିଭିନ୍ନ ଯୋଜନା ବାବଦରେ ଯେଉଁ ଫମ୍ପା ଭାଷଣ ମାରୁଥିଲା ସରକାର ଆସିଲା ପରେ ତାହା ପ୍ରତିଫଳିତ ହେଉନାହିଁ । ତେଣୁକରି ଲୋକେ ଏହି ସରକାରୀ ଯୋଜନା ଗୁଡ଼ିକରୁ କେତେ ଲଭାନ୍ୱିତ ହେଉଛନ୍ତି ତାହା ଜାଣିବାକୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଥିବା ବିଧାୟକ ଶ୍ରୀ ସିହଦେଓ କହିଥିଲେ । ଲୋକଙ୍କ ସମସ୍ୟା ଜାଣିବା ପରେ ତାକୁ ବିଧାନସଭାରେ ଉପସ୍ଥାପନ କରାଯିବ ବୋଲି କହିଥିଲେ। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରାର ପ୍ରଥମ ପର୍ଯ୍ୟାୟ ଚାଲିବ । ଏହା ପରେ ଆସନ୍ତା ୨୧ ତାରିଖରୁ ପ୍ରତି ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା କରାଯିବ ବୋଲି ସୂଚନା ରହିଛି । ପଦଯାତ୍ରାରେ ବିଧାୟକଙ୍କ ସହିତ ସଦର ବ୍ଲକ୍ ଅଧକ୍ଷା ସରିତା ବାଗ, ଉପାଧକ୍ଷା ପୁଷ୍ପାଞ୍ଜଳି ହୋତା, ଜିଲ୍ଲା ପରିଷଦ ସଭ୍ୟା ଅନାମିକା ହୋତା , କୈଳାଶ ମହାନ୍ତି, କୁଳମଣି ମେହେର, ରାଜେନ୍ଦ୍ର ହୋତା , ସୁମନ ନନ୍ଦ, ପ୍ରଦ୍ୟୁମ୍ନ ହୋତା,ଗୋଲାପ ବାଗ , ନିହାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ମୌଳିକ ଅଧିକାରରୁ ବଞ୍ଚିତ ହଳଦୀ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ସଦର ମହକୁମାରେ ସାଧାରଣ ଜନତା ମୌଳିକ ଅଧିକାରରୁ ସମ୍ପୂର୍ଣ୍ଣ ବଞ୍ଚିତ । ଏନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ହଳଦୀ ଗ୍ରାମରେ ସରକାରଙ୍କ ପକ୍ଷରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଗୁଡିକ ଥିଲେ ମଧ୍ୟ ଏଠାରେ ଦାୟିତ୍ୱରେ ଥିବା ସଂପୃକ୍ତ ଅଧିକାରୀମାନେ ରହୁନଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଦେଇଥିବା ଅଭିଯୋଗ ପତ୍ର ମତେ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଉପକେନ୍ଦ୍ର ଥାଇ ଜଣେ ଏଏନଏମ କ୍ୱାର୍ଟର୍ସରେ ରହିବା ନିୟମ ଅଛି । କିନ୍ତୁ ହଳଦୀ ଏଏନଏମ ସଂପୃକ୍ତ କ୍ୱାର୍ଟର୍ସରେ ରହୁ ନ ଥିବାରୁ ସାଧାରଣ ରୋଗୀମାନେ ଚିକିସା ସୁବିଧାରୁ ବଞ୍ଚିତ ହେଉଛନ୍ତି । ଏକ ପ୍ରାଣୀ ଚିକିତ୍ସା କେନ୍ଦ୍ର ଥିଲେ ମଧ୍ୟ ଏଠାରେ ଦାୟିତ୍ୱରେ ଥିବା ଏଲଆଇ ଜଣଙ୍କ ଅଫିସ କାର୍ଯ୍ୟରେ ଠିକ୍ ସମୟରେ ରହୁନାହାନ୍ତି । ଫଳରେ ଗୋ ଚାଷୀ ତଥା ପ୍ରାଣୀମାନେ ଜରୁରୀ ସେବା ପାଇ ପାରୁନାହାନ୍ତି । ଚାଷୀମାନଙ୍କ ସୁବିଧା ପାଇଁ ଏକ ଏଏଓ ପଦବୀ ସହ ପ୍ରତି ପଞ୍ଚାୟତ ପାଇଁ ଭିଏଡବ୍ଲ୍ୟୁ ରହିବା ନିୟମ ରହିଛି । କିନ୍ତୁ ହଳଦୀ ପଞ୍ଚାୟତ ଦାୟିତ୍ୱରେ ଥିବା ଭି ଏ ଡ଼ବ୍ଲୁ ଜଣଙ୍କ ସବୁବେଳେ ମୁରିବାହାଲରେ ରହୁଥିବାରୁ ହଳଦୀ ଅଞ୍ଚଳର ଚାଷୀମାନେ ନିଜ ଚାଷର ଅସୁବିଧା ପାଇଁ ତାଙ୍କୁ ଭେଟିବାକୁ ମୁରିବାହାଲ ଆସିବାକୁ ପଡୁଛି । ଫଳରେ ଚାଷୀମାନଙ୍କ ଅବସ୍ଥା ସଙ୍ଗୀନ । ହଳଦୀ ପଞ୍ଚାୟତ ପକ୍ଷରୁ ହଳଦୀ ଗ୍ରାମର ସୁରକ୍ଷା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଗ୍ରାମର ସବୁଆଡେ ସିସିଟିଭି ଲଗାଯାଇଥିଲା । କିନ୍ତୁ ଗ୍ରାମରେ ଲଗାଯାଇଥିବା ବହୁ ସିସିଟିଭି ଦୀର୍ଘ ଦିନରୁ ଅଚଳ ହୋଇପଡିଛି। ଫଳରେ ଗ୍ରାମରେ ଚୋରୀ, ଡକାୟତିର ଭୟ ଓ ସୁରକ୍ଷା ବିପନ୍ନ ସହ ମହିଳାମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ଗ୍ରାମ ଦେଇ ଯାଇଥିବା ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତା ଦିନକୁ ଦିନ ଆହୁରି ସଙ୍କୁଚିତ ହୋଇ ଯାଉଥିବାରୁ ଦୁର୍ଘଟଣା ଘଟୁଛି। ରାଜସ୍ୱ ବିଭାଗ ପକ୍ଷରୁ ମୁଖ୍ୟ ରାସ୍ତାକୁ ମାପ କରି ନିର୍ମାଣ ଚାଲିଥିବା ଏହି ପୂର୍ତ୍ତ ରାସ୍ତାକୁ ସମ୍ପୂର୍ଣ୍ଣ ଓସାରିଆ କରି ନିର୍ମାଣ କରାଯିବା ତଥା ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରିବା ପାଇଁ ଦାବି ହେଉଛି। ନଚେତ ହଳଦୀ ହାଇସ୍କୁଲ ଠାରୁ କେନାଲ ରାସ୍ତା ଦେଇ ହାଟପଦା ଛକ ୫୯ଜାତୀୟ ରାଜପଥକୁ ଯୋଗାଯୋଗ କରୁଥିବା ରାସ୍ତାକୁ ବାଇପାସ ରାସ୍ତା ନିର୍ମାଣ କରାଯାଉ। ହଳଦୀ ଗ୍ରାମରେ ଲାଗିରହିଥିବା ସବୁଦିନିଆ ପାନୀୟ ଜଳଯୋଗାଣ ସମସ୍ୟାକୁ ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ହଳଦୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଥିଲେ ମଧ୍ୟ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଓ ଶ୍ରେଣୀଗୃହ ଅଭାବକୁ ପୂରଣ କରାଯିବାକୁ ଦାବି ହୋଇଛି। ହଳଦୀ ପ୍ରାଥମିକ କୃଷି ସମବାୟ ସମିତିର ସ୍ଥାୟୀ ଅଫିସ ଗୃହ ନ ଥିବାରୁ ଚାଷୀମାନଙ୍କୁ ସେଠାରେ ଥିବା ଗୋଦାମ ଘରେ କିମ୍ବା ବାହାରେ ଅପେକ୍ଷା କରିବାକୁ ପଡୁଛି। ଫଳରେ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକର କୋଠା କାମଗୁଡ଼ିକ ମଧ୍ୟ ଅସମ୍ପୂର୍ଣ୍ଣ ଥିବାରୁ କୁନି କୁନି ଶିଶୁମାନେ ପର ଘରେ ପାଠ ପଢୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶୀଘ୍ର ଏହି ଦାବିଗୁଡ଼ିକ ପୂରଣ କରାଯିବାକୁ ଗ୍ରାମବାସୀ ଦାବି କରିଥିଲେ। ଅଭିଯୋଗ ପତ୍ର ଗ୍ରହଣ କରି ଜିଲ୍ଲାପାଳ ସମ୍ପୃକ୍ତ ବିଭାଗଗୁଡ଼ିକ ପକ୍ଷରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଦାବିପତ୍ର ପ୍ରଦାନ ବେଳେ ହଳଦୀ ଗ୍ରାମର ନରହରି ପଶାୟତ, ଚତୁର ମହାନନ୍ଦ, ଉପେନ୍ଦ୍ର ଦୀପ, ରବିକିରଣ ମହାକୁର, ଋଷଭ ବାଗ, ସୁବାସ ପୋଡ଼, ଛବି ପୁଝାରୀ, ସୁଲକ୍ଷଣୀ ବାଗ, ରାଧେଶ୍ୟାମ ହାତୀ, ନର ହାତୀ, କାଳିଆ ପୋଡ଼, ରଜନୀ ଭୋଇ, ଜନ୍ମଜୟ ବାଗ ଓ ପରମାନନ୍ଦ ମାହାକୁର ଉପସ୍ଥିତ ଥିଲେ ।

# ବାଲାଜୀ କଲେଜ ଅଫ୍ ନର୍ସିଂରେ ବିଶ୍ୱ ମାନସିକ ସପ୍ତାହ ପାଳିତ



ବଲାଙ୍ଗିର,(ସବ୍ୟୁ): ପୁଇଁନ୍ତଲା ବାଲାଜୀ କଲେଜ ଅଫ୍ ନର୍ସିଂ ରେ ବିଶ୍ୱ ମାନସିକ ସପ୍ତାହ ପାଳନ ହୋଇଯାଇଛି । ବାଲାଜୀ କଲେଜ ଅଫ୍ ନର୍ସିଂ ର ବିଭାଗୀୟ ମୁଖ୍ୟ ଦେବାଶିଷ ପାଣ୍ଡିଆଙ୍କ ସଂଯୋଜନାରେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିକାରୀ ଡା. ଶୁଖିଶ୍ୟାମ ତ୍ରିପାଠି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ କଲେଜର ନିର୍ଦ୍ଦେଶକ ଅଭିଳାସ ଅଗ୍ରୱାଲ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ନର୍ସିଂ ଛାତ୍ର ଛାତ୍ରିମାନଙ୍କ ଦ୍ୱାରା ମାନସିକ ରୋଗ ଉପରେ ବିତର୍କ ପ୍ରତିଯୋଗିତା ରଖା ଯାଇଥିଲା । ପ୍ରତିଯୋଗିତାରେ ଉମାମଲ୍ଲିକା ସାହୁ ପ୍ରଥମ ସ୍ଥାନରେ ଥିବା ବେଳେ, ଦ୍ୱିତୀୟରେ ପ୍ରିତିମୟି ସାହୁ ଏବଂ ତୃତୀୟରେ ମୋନିକା କୁମ୍ଭାର ରହିଥିଲେ ଏବଂ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ବିଭାଗୀୟ ଦାୟିତ୍ୱରେ ଥିବା ମଳୟ କୁମାର ନାଗ, ସବ୍ୟସାଚି ସିଂ, ସୁବୋଧ ବିଶ୍ୱାଳ ତୁଲାଇ ଥିବା ବେଳେ କଲେଜ ଅଫ୍ ନର୍ସିଂର ଅଧାପିକା ଜ୍ୟୋର୍ତିମୟୀ ଶତପଥି, ଜ୍ୟୋର୍ତିମୟୀ ପଟ୍ଟନାୟକ, ସୁଶ୍ରି ସୁଜାତା ଦାସ, ପ୍ରଗତିରାଣୀ ଛାତ୍ରିଆ ଓ ଅଧ୍ୟାପକ ମନୋରଞ୍ଜନ ପୁରୋହିତ ସହଯୋଗ କରିଥିଲେ ।

# ଡାଲଗୁମା ଆଞ୍ଚଳିକ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ, ଖପରାମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡାଲଗୁମା ଆଞ୍ଚଳିକ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷକ ଜନ୍ମେଜୟ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧରୁଆ ପଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିପିନ ବିହାରୀ ମାଝୀ, ସମ୍ମାନୀତ ଅତିଥି ଡାଲଗୁମା ସି ଆର୍ ସି ସି ଈଶ୍ୱର ନାଏକ , ତେନ୍ତୁଲିପଡ଼ା ପ୍ରାଥମିକ ସ୍କୁଲ ପ୍ରଧାନ ଶିକ୍ଷକ ଉଦ୍ଧବ ଧରୁଆ, ଜି ଏମ୍ ପବ୍ଲିକ୍ ସ୍କୁଲ୍ ଅଧକ୍ଷ ସଂଜୀବ ଅପୁ , ମୁଖ୍ୟବକ୍ତା ଭାବରେ ବନ୍ଦପଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜ କିଶୋର ଭୋଇ , ଖପରାମାଲ ଗ୍ରାମର ଅଗସ୍ତି ରାଉତ, ଅଗସ୍ତି ପୂଝାରୀ ପ୍ରମୁଖ ଯୋଗଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀଙ୍କ ମଧରେ ଗୀତ, ବକ୍ତୃତା, ଚିତ୍ରାଙ୍କନ, ରଚନା, ନୃତ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ କୁବେର ମାଝି ସଂଯୋଜନା କରିଥିବା ବେଳେ ଶିକ୍ଷକ ରମାକାନ୍ତ ଗୌଡ଼ା, ପରମାନନ୍ଦ ରଣା, ସୁବାସ ଚନ୍ଦ୍ର ପୁଝାରୀ, ନାରାୟଣ କେତକୀ, ଅବିନାଶ ଜେନା, ଅସ୍ମି କୁମାର ପରିଡ଼ା, ଚଞ୍ଚଳ ବାଗ , ଦିଗ ବିଜୟ ନାଏକ, ଶିକ୍ଷୟତ୍ରୀ ବାସନ୍ତୀ ସୁନାନୀ, ହେମା ମାଳିନୀ ଚନ୍ଦନ, ଯାଜ୍ଞସେନି ଧରୁଆ, ସୁଜାତା କର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ନୂଆପଡା,(ସବ୍ୟୁ): ନୂଆପଡା ଜିଲ୍ଲା ସଦର ମହକୁମାରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସ୍ଥାନୀୟ ଗାନ୍ଧୀ ଉଦ୍ୟାନରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ସଭାରେ ଜିଲ୍ଲାପାଳ ମଧୁସୂଦନ ଦାଶ ଅଧକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବରେ ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲାପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀ ଯୋଗଦେଇଥିଲେ । ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ଶିକ୍ଷାବିତ ଡ଼ଃ ଶିବ ପ୍ରସାଦ ବେହେରା ଏବଂ ସମ୍ମାନିତ ବକ୍ତା ଭାବରେ ବିଶିଷ୍ଟ ଆଇନଜୀବୀ ପ୍ରସନ୍ନ ପାଢ଼ୀ ଯୋଗଦେଇଥିଲେ । ଅତିଥି ମାନେ ଗାନ୍ଧିଜୀ ଏବଂ ଶାସ୍ତ୍ରିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ବିଭୁଦତ୍ତ ମିଶ୍ର ସଭା ସଂଯୋଜନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ଏହି ଅବସରରେ ପ୍ରଶାସନ ଓ ଏସବିଆଇ ତରଫରୁ ସମ୍ମାନିତ କରାଯାଇଥିଲା । ସଭା ପରେ ଛାତ୍ରଛାତ୍ରୀ ମାନେ ସଫେଇ ଅଭିଯାନ ରେଲି ରେ ସହର ପରିକ୍ରମା କରିଥିଲେ । ସମାରୋହରେ ଜିଲ୍ଲାର ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷ, ଲୋକପ୍ରତିନିଧି, ବୁଦ୍ଧିଜୀବୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ଶହ ଶହ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ସ୍ୱୟଂସହାୟକ ଦଳ, ସଫେଇ କର୍ମଚାରୀ ଏବଂ ଗଣମାଧମର ପ୍ରତିନିଧି ଯୋଗଦେଇଥିଲେ ।

# ଜିଲ୍ଲାସ୍ତରୀୟ ଓଭରସାଇଟ୍ କମିଟି ବୈଠକ

ସମ୍ବଲପୁର,(ସବ୍ୟୁ): ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗଠିତ ଜିଲ୍ଲାସ୍ତରୀୟ ଓଭରସାଇଟ୍ କମିଟିର ବୈଠକ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବଙ୍କ ଅଧକ୍ଷତାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଥାନା ଗୁଡ଼ିକରେ ସମ୍ଭାବ୍ୟ ମାନବାଧିକାର ଉଲ୍ଲଂଘନ ରୋକିବା ପାଇଁ ହାଇକୋର୍ଟଙ୍କ ଆଦେଶ କ୍ରମେ ୨୦୨୪ ର ଡବ୍ଲ୍ୟୁପି(ସି) ନଂ ୨୩୭୩୫ରେ, ୨୦୨୦ର ସ୍ୱତନ୍ତ୍ର ଲିଭ୍ ପିଟିସନ୍ (କ୍ରିମିନାଲ) ନଂ ୩୫୪୩ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶର ବିଭିନ୍ନ ସର୍ତ୍ତାବଳୀ ଓ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ରାଜସ୍ୱ ବିଭାଗୀୟ କମିଶନର ଉତ୍ତରାଞ୍ଚଳ, ସମ୍ବଲପୁର ଜିଲ୍ଲାର ସମ୍ପୃକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ସିସିଟିଭିର ନିରନ୍ତର ତଦାରଖ, ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱାରୋପ କରିବା ସହ ଜିଲ୍ଲାପାଳ ଓ ଉପଜିଲ୍ଲାପାଳମାନେ ଥାନା ପରିଦର୍ଶନ ସମୟରେ ଏହାର ତଦାରଖ କରିବା ସହିତ ମାସିକ ରିପୋର୍ଟ ଜିଲ୍ଲାସ୍ତରୀୟ ଓଭରସାଇଟ୍ କମିଟିକୁ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ପ୍ରତି ମାସରେ ରାଜ୍ୟସ୍ତରୀୟ ଓଭରସାଇଟ୍ କମିଟିକୁ ରିପୋର୍ଟ ପ୍ରଦାନ କରାଯିବ। ସମସ୍ତ ଥାନାରେ ଅଡିଓ ଭିଡ଼ିଓ ସୁବିଧା ସହ ସିସିଟିଭି ଲଗାଇବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶନାମା ଜାରି କରିଥିବାରୁ କ୍ୟାମେରାର ଉପଯୁକ୍ତ ଓ ନିରନ୍ତର ରକ୍ଷଣାବେକ୍ଷଣ ଏବଂ ଥାନାରେ ଘଟଣାର ରେକର୍ଡିଂ ପାଇଁ କମିଟିରେ ନିଷ୍ପତ୍ତି ନିଆଯାଇଥିଲା। ଅତ୍ୟାଧୁନିକ ଯୁଗରେ ବୈଜ୍ଞାନିକ ଉପକରଣ ସ୍ଥାପନ କରି ଥାନାକୁ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାକୁ ଆରକ୍ଷୀ ଅଧୀକ୍ଷକମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଥାନାଗୁଡ଼ିକରେ ଘଟୁଥିବା ଘଟଣାର ରେକର୍ଡିଂ ନିରନ୍ତର ତଦାରଖ ଓ ତଦାରଖ ଦ୍ୱାରା ମାନବାଧିକାର ଉଲ୍ଲଂଘନ ଇତ୍ୟାଦିକୁ ନିୟନ୍ତ୍ରଣ ଓ ନିଷିଦ୍ଧ କରାଯାଇପାରିବ ବୋଲି କମିଟିର ସଦସ୍ୟମାନେ ସର୍ବସମ୍ମତିକ୍ରମେ ମତ ବ୍ୟକ୍ତ କରିଥିଲେ। ଶେଷରେ ଜିଲ୍ଲାରେ ନିୟମିତ ଭାବେ ବୈଠକ ଆୟୋଜନ କରି ରିପୋର୍ଟ ପ୍ରଦାନ କରିବାକୁ କମିଟି ଅଧକ୍ଷ ଆହ୍ୱାନ ଦେଇଥିଲେ। ବୈଠକରେ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ପରିଷଦ ସଭାପତିଙ୍କ ସମେତ ୧୨ଟି ଜିଲ୍ଲାର ଅନ୍ୟ ନିମନ୍ତ୍ରିତ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ଅନୁଗୁଳ, ବରଗଡ଼, ବଲାଙ୍ଗୀର, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଝାରସୁଗୁଡ଼ା, କେନ୍ଦୁଝର, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲ୍ଲା ସାମିଲ ହୋଇଥିଲେ।

# କଂଗ୍ରେସ କାର୍ଯ୍ୟାଳୟରେ ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତି

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ମହାତ୍ମାଗାନ୍ଧି ଓ ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତି ପାଳିତ ହୋଇଯାଇଛି । ଜିଲ୍ଲା ସଭାପତି ଜୟଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଉଭୟ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ମହାତ୍ମାଗାନ୍ଧିଙ୍କ ସତ୍ୟ ଓ ଅହିଂସା ନୀତି, ନିଃସ୍ୱାର୍ଥପର ସେବା, ତ୍ୟାଗ ଓ ବଳିଦାନକୁ ନେଇ ବିଶେଷ ଭାବେ ଆଲୋଚନା କରାଯାଇଥିଲା । ଏଥିରେ ପୂର୍ବତନ ଜିଲ୍ଲା ସଭାପତି ସୁରେଶ୍ୱର ମିଶ୍ର, ଦିଲ୍ଲୀପ ଦୁରିଆ, ଗିରିଜା ଶଙ୍କର ନାୟକ, ବିଜୟଲକ୍ଷ୍ମୀ ବେହେରା, ଶିବ ପ୍ରଧାନ, ମହମ୍ମଦ ମୁକ୍ତାର, ସୁତାପା ମିତ୍ର, ସୁରଙ୍ଗିନୀ ବାରିକ, ସସ୍ମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଧବଳମୁଖୀ ବେଶରେ ଦର୍ଶନ ଦେଲେ ମାଁ ସମଲେଶ୍ୱରୀ

ବରଗଡ,(ସବ୍ୟୁ): ବୁଧବାର ଆଶ୍ୱିନ ମହାଳୟା ତିଥି ଅବସରରେ ବରଗଡ଼ର ଗ୍ରାମ୍ୟଦେବୀ ମାଁ ସମଲେଶ୍ୱରୀ ଧବଳମୁଖୀ ବେଶରେ ଦର୍ଶନ ଦେଇଛନ୍ତି । ଏଥିପାଇଁ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଭକ୍ତମାନଙ୍କ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଥିଲେ । ବୁଧବାର ସକାଳୁ ମାଁ ଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ଭକ୍ତମାନେ ମାଁଙ୍କ ବେଶ ଦର୍ଶନ କରିଥିଲେ । ମାଁ ବର୍ଷସାରା ଲାଲ ରଙ୍ଗରେ ଦର୍ଶନ ଦେଉଥିବା ବେଳେ ଆଜିର ଦିନରେ ଭକ୍ତ ମାନଙ୍କୁ ଏହି ଧଳା ତଥା ଶୁଭ୍ର ରଙ୍ଗରେ ଦର୍ଶନ ଦେଇଥାନ୍ତି । ବିଶ୍ୱ କଲ୍ୟାଣ ନିମିତ ବରଗଡର ଅଧିଷ୍ଠାତ୍ରୀ ଦେବୀ ଭଗବତୀ ମାଁ ସମଲେଶ୍ୱରୀଙ୍କ ଠାରେ ମହାଳୟା ବିହିତ ପାଞ୍ଚ ହଜାର ସାମୁହିକ ଦୀପ ପ୍ରଜ୍ୱଳନ କରାଯାଇଥିବା ସୂଚନା ଦିଆଯାଇଛି । ସେହିପରି ଅପରାହ୍ନରେ ମାଁ ସମଲେଶ୍ୱରୀଙ୍କ ଶାରଦୀୟ ନବରାତ୍ର ପାଇଁ କଳସ ଆବହନ ତଥା ଖଣ୍ଡାଧୁଆ ପର୍ବ ଅନୁଷ୍ଠିତ ହୋଇଥିଲା ।

# ଚଳନ୍ତା ଟ୍ରେନରୁ ଖସି ଯୁବକ ଗୁରୁତର

କଣ୍ଟାବାଞ୍ଜି,(ସବ୍ୟୁ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ରେଲୱେ ଷ୍ଟେସନ ନିକଟରେ ଚଳନ୍ତା ଟ୍ରେନରୁ ଖସି ପଡି ଯୁବକ ଗୁରୁତର । ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଯୁବକଜଣକ ଝାନସୀର ଦୀପକ ଝା ବୋଲି ଜଣାପଡିଛି । ନିଜାମୁଦ୍ଦିନ – ବିଶାଖାପାଟଣା ସମତା ଏକ୍ସପ୍ରେସ ଟ୍ରେନରେ ଯାଉଥିଲେ ଦୀପକ । ମାତ୍ର ବଙ୍ଗୋମୁଣ୍ଡା ଫାଟକ ପାଖରେ ଅସାବଧାନତାବଶତଃ ସେ ଟ୍ରେନରୁ ଖସି ପଡ଼ିଥିଲେ । ସ୍ଥାନୀୟ ରେଲୱେ ପୁଲିସ ଓ ଲୋକଙ୍କ ସହାୟତାରେ ଦୀପକଙ୍କୁ ଉଦ୍ଧାର କରି ରେଲୱେ ପୁଲିସ ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଛି। ତାଙ୍କ ଦୁଇ ହାତ ଭାଙ୍ଗି ଯାଇଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଛି। କେଉଁ କାରଣରୁ ଏଭଳି ହେଲା ତାହା ସ୍ପଷ୍ଟ ଜଣାପଡିନାହିଁ ।

# ଶିଶୁଙ୍କ ପ୍ରତିଭାକୁ ଆଗକୁ ଆଣିବ ସୁରଭି

କୋକସରା,(ସବ୍ୟୁ): ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମଧରେ ଅନ୍ତର୍ନିହିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ପ୍ରତି ବର୍ଷ ଆୟୋଜନ ହେଉଛି ଶିଶୁ ମହୋତ୍ସବ ସୁରଭି ।କୋକସରା ବ୍ଲକ ଗୋଷ୍ଠି ଶିକ୍ଷା ବିଭାଗ ଅଧୀନରେ ଥିବା ଲଡୁଗାଁ କ୍ଲଷ୍ଟରରେ ସୋମବାର ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲଡୁଗାଁ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆରସିସି ଫାଲଗୁନି ବାଣୁଆଙ୍କ ତତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ, ମୁଖ୍ୟ ବକ୍ତା ଭାବେ ପ୍ରଧାନ ଶିକ୍ଷକ ବୁଦ୍ଧିରାମ ନାଏକ, ସମ୍ମାନିତ ଅତିଥି ଭାବେ ରବି ନାରାୟଣ ଦାସ ଉପସ୍ଥିତ ରହି ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ୧୭ ଗୋଟି ସ୍କୁଲର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ସୁରଭି ମହୋତ୍ସବ ପାଇଁ ଚୟନ କରାଯାଇଛି। କାର୍ଯ୍ୟକ୍ରମକୁ ଲଡୁଗାଁ କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଶୁଭାରମ୍ଭ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଯାଇଛି । ସ୍ଥାନୀୟ ହାଓ୍ୱା ମଇଦାନ ସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ସଭାପତି ଇଂ. ରୋହିତ ପୂଜାରୀ ମାଲ୍ୟାର୍ପଣ ପରେ ଭତରା ଗାନ୍ଧି ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ଜନ ସମ୍ପର୍କ ପଦାଯାତ୍ରା ଶୁଭାରମ୍ଭ ହୋଇଥିଲା । ଏଥିରେ ବିଜେଡି ଦଳ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି, ଅଶୋକ ସେନାପତି, ଏମ୍‌ଡି ସନାଉଲ୍ଲା, ବେଣୁଧର ଦାଶ, ଗୋକୁଳ ମେହେର, ସଞ୍ଜିତ୍ ମହାନ୍ତି, ତପନ ଗୁର. ବସନ୍ତ ମିଶ୍ର, ସୁରୁବାବୁ ମେହେର, ରୁଦ୍ର ଷଡଙ୍ଗୀ, ଦେବାଶିଷ ପୁରୋହିତ, ଉଷା ପ୍ରଧାନ, ସିପ୍ରା ମହାନ୍ତି, ସଂଯୁକ୍ତା ମେହେର, ଲିଲିମା ନାୟକ ଓ ପ୍ରଫୁଲ୍ଲ କୁମାର ଦାଶ ଉପସ୍ଥିତ ଥିଲେ ।

# ଗାନ୍ଧୀ ଜୟନ୍ତୀରେ ନିଶାମୁକ୍ତ ଅଭିଯାନ

ବଲାଙ୍ଗିର ,(ସବ୍ୟୁ): ଜିଲ୍ଲାପାଳ ଅଫିସ ସମ୍ମୁଖରେ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ( ମୋନା) ପକ୍ଷରୁ ନିଶାମୁକ୍ତ ଅଭିଯାନର ଏକ ମାନବ ଶୃଙ୍ଖଳ, କରାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । କମିଟିର ଆବାହକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଓ ସରୋଜ କୁମାର ମେଶ୍ରା ସଂଯୋଜକ ଓବିସି ମଞ୍ଚଙ୍କ ଆବାହକତ୍ୱରେ ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ବିଷୟ ଉପରେ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଗ୍ରାମ ପଞ୍ଚାୟତ ଓ ବ୍ଲକସ୍ତରରୁ ନିଶାମୁକ୍ତ ସଂଗଠନ କରାଯାଇ ମଦମୁକ୍ତି ଓଡ଼ିଶା ଲାଗି ସ୍ଥାନୀୟ ସ୍ତରରୁ ଦାବିପତ୍ର ପ୍ରଦାନ କରାଯିବ। ଚୋରାମଦ ଓ ମଦ ଖୁଚିଆ ବନ୍ଦ କରିବା ପାଇଁ ବ୍ୟାପକ ପଦକ୍ଷେପ ନିଆଯିବ। ବିଦ୍ୟାଳୟ ଓ ଗାଁ ର ବଜାର ଠାରୁ ଅତିକମରେ ଅଧ କିଲୋମିଟର ଦୂରକୁ ମଦଭାଟି ଓ ବିଦେଶୀ ମଦ ଦୋକାନ ସ୍ଥାନାନ୍ତରିତ କରାଯିବା ପାଇଁ ଦାବିପତ୍ର ପ୍ରଦାନ କରାଯିବ । କାର୍ଯ୍ୟକ୍ରମରେ ପ୍ରଭାତ କୁମାର ମିଶ୍ର,ଡ.ବିପିନ କୁସୁଲିଆ,ଦ୍ୱିଜ ଦଳପତି , ରାଜେନ୍ଦ୍ର ସୁନା,ଜୟ କୁମାର ବାଗ ତଥା ଶତାଧିକ ମହିଳା ଓ ପୁରୁଷ ସାମିଲ ଥିଲେ।

# ରାଜ୍ୟସ୍ତରୀୟ ସ୍କୁଲ ସମୂହ ଯୋଗ ଓ ସନ୍ତରଣ ପ୍ରତିଯୋଗିତା ଉଦ୍‌ଘାଟିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଲେଡି ଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ୬୮ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଯୋଗ ଓ ସନ୍ତରଣ ପ୍ରତିଯୋଗିତା ଉଦ୍ଘାଟିତ ହୋଇଯାଇଛି । ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭ ଉଦ୍ଘାଟନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚମାନର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ଜାତୀୟସ୍ତରରେ ରାଜ୍ୟର ଗୌରବ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କ ସଭାପତିତ୍ୱରେ ଉଦ୍ଘାଟନୀ ସଭା ହୋଇଥିଲା । ଏହି ପ୍ରତିଯୋଗିତା ଆସନ୍ତା ୪ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ମୋଟ ୩୦ଜିଲ୍ଲାରୁ ୫୮୨ଜଣ ବାଳକବାଳିକା ଅଂଶଗ୍ରହଣ କରିଛନ୍ତି । ସେଥିମଧ୍ୟରୁ ଯୋଗରେ ୧୭ବର୍ଷରୁ କମ୍ ବର୍ଗରେ ୨୨୫ଜଣ, ୧୪ବର୍ଷରୁ କମ୍ ବର୍ଗରେ ୧୯୭ଜଣ ଏବଂ ସନ୍ତରଣ ବିଭାଗରେ ୧୭ବର୍ଷରୁ କମ୍ ବର୍ଗରେ ୮୯ଜଣ ଓ ୧୪ବର୍ଷରୁ କମ୍ ବର୍ଗରେ ୭୧ଜଣ ପ୍ରତିଯୋଗୀ ଭାଗ ନେବେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା, ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ, ଧନକଉଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ ମଂଚାସୀନ ଥିଲେ । ଏହି ଅବସରରେ ଛାତ୍ରୀମାନେ ଯୋଗ ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ରାଜ୍ୟ ଶାରିରୀକ ଶିକ୍ଷା ବିଭାଗ ଉପ ନିର୍ଦ୍ଦେଶକ ଭାଗିରଥୀ ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ଲେଡି ଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଜିତ ଲୁହା ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋଲାମୁଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ନୂଆଖାଇ ଭେଟ୍‌ଘାଟ୍

ଗୋଲାମୁଣ୍ଡା,(ସବ୍ୟୁ): ଗୋଲାମୁଣ୍ଡା ବ୍ଲକ ପଞ୍ଚାୟତ ସମିତି ସଭ୍ୟ ସଭ୍ୟାଙ୍କ ପକ୍ଷରୁ ଗୋଲାମୁଣ୍ଡା ଠାରେ ନୁଆଁ ଖାଇ ଭେଟ୍‌ଘାଟ ହୋଇଥିଲା । କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ବିନ୍ଧୁ ମହାନନ୍ଦ ସଭାପତିତ୍ୱ କରିଥିବା ବେଳେ ଗୋଲାମୁଣ୍ଡା ସମିତି ସଭ୍ୟା ବନିତା ନାଏକ, ନକଟିକାନୀ ସଭ୍ୟ ମହିରାମ ମାଝୀ, ବୋର୍ଡି ସଭ୍ୟା ସସ୍ମିତା ମାଝୀ, ଚିଚିଆ ସଭ୍ୟ ସନ୍ତୋଷ ପଟେଲ, ଖାଲିଆକାନୀ ସଭ୍ୟା ସସ୍ମିତା ମଙ୍ଗରାଜ, ଉଦେସୁରୁଙ୍ଗ ସଭ୍ୟ ଚୈତନ୍ୟ ମାଝୀ, ଫୁଣ୍ଡା ସଭ୍ୟ ଉପେନ୍ଦ୍ର ନାଗ, ଟେମ୍ରି ସଭ୍ୟା ଅଞ୍ଜଳି ନାଏକ, ବୋରଗୁଡା ସଭ୍ୟା ସଂଯୁକ୍ତା ମଶ୍ରା, ନୁଆଁ ଗାଁ ସଭ୍ୟ ରମେଶ ଶବର, ଉଚ୍ଛଳା ସଭ୍ୟା ବିଜୟା ବାଗ, କୁହୁରା ସଭ୍ୟା ମିନା ମହାନନ୍ଦ, ସିନାପାଲି ସଭ୍ୟ ଲୋଚନ ସାହୁ ସମେତ ୧୭ ଟି ଗ୍ରାମ ପଞ୍ଚାୟତର ସମିତି ସଭ୍ୟ/ସଭ୍ୟା ଯୋଗଦାନ ଦେଇଥିବା ବେଳେ ପୂର୍ବତନ ବ୍ଲକ ଅଧକ୍ଷ ତଥା ମାନଝରି ସମିତି ସଭ୍ୟ ତୁଲେଶ୍ୱର ନାଏକ ସଭା ପରିଚାଳନା କରିଥିବା ବେଳେ ଦଶପୁର ସମିତି ସଭ୍ୟ ଦୁର୍ଗେଶ୍ୱର ସାହୁ ସଭା ସାଙ୍ଗ କରିଥିଲେ । ବିଡ଼ିଓ ଶ୍ରୀଧର ପଣ୍ଡା, ଅତିରିକ୍ତ କାର୍ଯ୍ୟ କାରିଣୀ ଯନ୍ତ୍ରୀ ପର୍ଶୁରାମ ନାଏକ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରମିତ ପ୍ରଧାନ, ମୁଖ୍ୟ କିରାଣୀ ମନୋଜ ଠାକୁର, କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ ।

# ପୂର୍ବ ଭାରତ କରାଟେ ଚମ୍ପିୟାନସିପରେ ବଲାଙ୍ଗିରର ସଫଳତା



ବଲାଙ୍ଗିର,(ସବ୍ୟୁ): ବିହାର ରାଜ୍ୟ ପାଟଣାର ସେଣ୍ଟ ଡୋମିନିକ୍ ସାଭିଓ ଉଚ୍ଚ ବିଦ୍ୟାଳୟ, ଦିଘା ଠାରେ ଦୁଇ ଦିନ ଧରି ଅନୁଷ୍ଠିତ ୪ର୍ଥ ପୂର୍ବ ଭାରତ କରାଟେ ଚମ୍ପିୟାନସିପ୍ ରେ ଓଡିଶାରୁ ମନୋନୀତ ହୋଇଥିବା ବଲାଙ୍ଗିର କରାଟେ ସ୍କୁଲର ଛାତ୍ରୀ ଅଙ୍କିତା ବିଶ୍ୱାଳ ବାଳିକା କରାଟେ ବର୍ଗ କୁମିତେ (-୪୨ କେଜି) ରେ କାଂସ୍ୟ, ପପୁ ସାହୁ ବାଳକ ବର୍ଗ କ୍ୟାଜେଟ କୁମିତେ (-୪୫) କାଂସ୍ୟ, ଲୋକେଶ ବାଗ ୧୨ ବର୍ଷ ବାଳକ ବିଭାଗ କାତାରେ ସ୍ୱର୍ଣ୍ଣ ଏବଂ ତମନ୍ନା ମେହେର ୧୩ ବର୍ଷ ବାଳିକା ବିଭାଗ କାତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଦୁଇ ସ୍ୱର୍ଣ୍ଣ ପଦକ କରାଟେକା ଆସନ୍ତା ଡିସେମ୍ବର ୧୨ ଓ ୧୩ ରେ ହେବାକୁ ଥିବା ଆନ୍ତଃ ଜୋନସ୍ତରୀୟ କରାଟେ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜିଲ୍ଲା କରାଟେ ସଂପାଦକ ହୃଦୟ ଶବର ସୂଚନା ଦେଇଛନ୍ତି ।ଏହି ଚମ୍ପିୟାନସିପରେ ଜିଲ୍ଲା ସଂପାଦକ ଓ ଚନ୍ଦ୍ର ଶେଖର ସେଠ ରେଫରି ଓ ବିଚାରକର କାର୍ଯ୍ୟ ତୁଲାଇ ଥିଲେ । ଏହି ସଫଳତା ପାଇଁ ଜିଲ୍ଲା କରାଟେ ସଂଘର ଉପଦେଷ୍ଟା ମାନୁଏଲ ନାଗ ସଭାପତି, ଦେବବ୍ରତ ବେହେରା ଉପସଭାପତି, ସୁରେଶ ଚନ୍ଦ୍ର ଜାଲ , ଉମେଶ ଚନ୍ଦ୍ର ନାଗ, ସ୍କୁଲର ସଭାପତି ସଚିଦାନନ୍ଦ ବାଗ ସମସ୍ତ ସଦସ୍ୟ ଅଭିଭାବକ ଏବଂ ଖେଳ ପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି ।

# ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି ଓ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ରକ୍ତହୀନତା ଦୂରକରିବା, ୬ବର୍ଷ ପର୍ଯ୍ୟନ୍ତ ଶିଶୁ ମାନଙ୍କ ଅଭିବୃଦ୍ଧି ନିରୀକ୍ଷଣ, ଅନୁପୂରକ ଖାଦ୍ୟ ଉପରେ ଗୁରୁତ୍ୱାରୋପ, ମା ପାଇଁ ଗଛଟିଏ ଲଗାଇବା, ଉତ୍ତମ ଶାସନ ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବା ଓ ଆଦ୍ୟ ଶୈଶବ ଓ ପ୍ରାକ ବିଦ୍ୟାଳୟ ପାଇଁ ଯତ୍ନବାନ ହେବା ଇତ୍ୟାଦି ବିଷୟ ଉପରେ ଚଳିତ ପୋଷଣ ମାସରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ଓ ଉପଜିଲ୍ଲାପାଳଙ୍କ ଦ୍ୱାରା ପୋଷଣ ରଥ ଶୁଭାରମ୍ଭ କରାଯାଇଥିଲା । ରଥ ଜିଲ୍ଲାର ସମସ୍ତ ବ୍ଲକ ପରିଭ୍ରମଣ କରିବା ସହ ସଚେତନତା ବାର୍ତ୍ତା ପ୍ରଦାନ କରିବ । ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ,ଶରୀର ପାଇଁ ପୋଷଣ ଯେତିକି ଜରୁରୀ ସମାଜ ପାଇଁ ସୁପୋଷିତ ଶିଶୁ ବି ସେତିକି ଜରୁରୀ ବୋଲି ଉଲ୍ଲେଖ କରିଥିଲେ।

ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂର୍ଣ୍ଣବତୀ ହେଲେନ ଖେସ ପୋଷଣ ଅଭିଯାନ ଉପରେ କହିଥିଲେ । ପୋଷଣରୁ ଶିକାର ହେଉଥିବା ସମସ୍ତ କିଶୋରୀ ବାଳିକା,ଜନ୍ମ ରୁ ଛ' ବର୍ଷର ଶିଶୁ, ଗର୍ଭବତୀ ମହିଳା ଓ ପ୍ରସୂତି ମହିଳାମାନଙ୍କୁ ସୁ-ପୋଷଣ ସ୍ତରକୁ ଆଣିବା ଏବଂ ଆଗକୁ ଯେମିତି ନୂତନ ପୀ କୁ-ପୋଷଣର ଶିକାର ନ ହୁଅନ୍ତି ସେଥିପାଇଁ ସମାଜକୁ ଦାୟିତ୍ୱ ତୁଲାଇବାକୁ ପଡ଼ିବ ବୋଲି କହିଥିଲେ। ପୋଷଣ ଜିଲ୍ଲା ସଂଯୋଜକ ରମାକାନ୍ତ ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ପାୱାର ପଏଣ୍ଟ ମାଧ୍ୟମରେ ପୋଷଣ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ଡି ପି ଏମ୍ ( ଏନ୍ ଓ ପି ) ରମେଶ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପିଓ ମିନାକ୍ଷୀ ରାଜ ଓ ଯାଜ୍ଞସେନୀ ମହାନନ୍ଦ, ଶିଳା ପ୍ରଧାନ,ଅମିଳ ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ସି ଡି ପି ଓ, ସୁପରଭାଇଜର ଓ ବ୍ଲକ ପୋଷଣ ସଂଯୋଜିକ ଉପସ୍ଥିତ ଥିଲେ ।

